# ୰ ତ୍ରିଲୋଚନ ପଣ୍ଡାଶର୍ମା

(୧୮୯୪-୧୯୮୦) ମସିହା

ଶ୍ରୀ ତ୍ରିଲୋଚନ ପଣ୍ଡାଶର୍ମା (ଶ୍ରଦ୍ଧାନାମ-କୃପାସିନ୍ଧୁ ପଣ୍ଡା) ତାଙ୍କର କର୍ମମୟ ଜୀବନକାଳ ମଧ୍ୟରେ ଅଦ୍ଭୁତଭାବେ ସେ ତାଙ୍କର ଗୁରୁ ସନାତନୀ ତତ୍ତ୍ୱାଧିକରୀ ବେଦ ବିଶାରଦ ମହାବତାର ଶ୍ରୀ ବିଦ୍ୟାଧର ଦେବ ଶର୍ମାଙ୍କ ସାକ୍ଷାତକାର ପାଇଥିଲେ, ଯାହାଙ୍କର ସାନିଧ୍ୟ ଏବଂ ଆଶୀର୍ବାଦରେ ଜଣେ ସିଦ୍ଧ ପୁରୁଷ ହେବାର ସୌଭାଗ୍ୟ ସେ ଲାଭ କରିଥିଲେ । ନିରହଂକାର, ନିରାଡ଼ମ୍ବର, ଶାନ୍ତ ସରଳ ତଥା ଅହିଂସା ଅସ୍ତେୟାଦି ଯୋଗ ସଂପନ୍ନ ଜୀବନଚର୍ଯ୍ୟା ମଧ୍ୟରେ ଗୁରୁଙ୍କ ନିର୍ଦ୍ଦେଶରେ 'ସନାତନୀ ବୈଦିକ ପନ୍ଥା'ର ସୁରକ୍ଷା ଓ ପ୍ରସାରାର୍ଥେ 'ସନାତନୀ ତତ୍ତ୍ୱ ତରଙ୍ଗ' ଏବଂ 'ସନାତନୀ ତତ୍ତ୍ୱ ବିଜ୍ଞାନ' ନାମକ ଦୁଇଟି ଅତ୍ୟନ୍ତ ଉପାଦେୟ ଗ୍ରନ୍ଥ ରଚନା କରିଯାଇଛନ୍ତି ।

**ସନାତନୀ ତତ୍ତ୍ୱ ତରଙ୍ଗ,** ପୃଷ୍ଠା-୨୦୨, ପ୍ରକାଶକାଳ-୨୦୦୩, ଦ୍ୱିତୀୟ ସଂସ୍କରଣ-୨୦୦୬, ମୂଲ୍ୟ: ଟଙ୍କା ୧୩୫/-

ସନାତନୀ ତତ୍ତ୍ୱ ତରଙ୍ଗ ଶ୍ରୀ ପଣ୍ଡାଙ୍କର ଏକ ଆଧାତ୍ମିକ ଭାବପୂର୍ଣ୍ଣ, ତତ୍ତ୍ୱ ଏବଂ ଦର୍ଶନମୟୀ ଅନବଦ୍ୟ ସୃଷ୍ଟି, ଯାହାକି କବିତାକାରରେ ଲେଖାଯାଇଛି । ଏହାକୁ ଲେଖକ ପର୍ଯ୍ୟାୟକ୍ରମେ ତିନୋଟି ଭାଗରେ ବିଭକ୍ତ କରିଯାଇଛନ୍ତି, ଯଥା- ତତ୍ତ୍ୱଜ୍ଞାନ, ରହସ୍ୟଭାବ ଓ ଆତ୍ମବୋଧ । ଏହି ପୁସ୍ତକର ରଚନା ଗୁଡ଼ିକ ଯେତିକି ମର୍ମସ୍ପର୍ଶୀ, ସେତିକି ତଥ୍ୟପୂର୍ଣ୍ଣ ଓ ଶବ୍ଦ-ଐଶ୍ୱର୍ଯ୍ୟମୟ । ତାତ୍ତ୍ୱିକ ଦୃଷ୍ଟକୋଣରୁ ଏହାକୁ ଓଡ଼ିଆ ଭାଷାରେ ରଚିତ ଏକ ମହାନ୍ ଉପନିଷଦ୍ ବୋଲି ବିବେଚନା କଲେ ଅସମୀଚୀନ ମନେହୁଏ ନାହିଁ । ଶ୍ରଦ୍ଧାଳୁ ପାଠକ ଶୁଦ୍ଧପୁତ ମନରେ ଏହାକୁ ପଢ଼ିଲେ ଏବଂ ଏଥିରେ ସନ୍ନିହିତ ସ୍ତବ, ସ୍ତୁତି, ପ୍ରାର୍ଥନା ଓ କୀର୍ତ୍ତନାଦିର ମନନ, ଗାୟନ କଲେ, ଏପରି ଏକ ମହାନ୍ ଗ୍ରନ୍ଥର ମହତ୍ତ୍ୱ କ୍ରମେ କ୍ରମେ ଉପଲବ୍ଧି କରିବେ । ପାଠକମାନଙ୍କ ସୁବିଧା ନିମିତ୍ତ ପୁସ୍ତକ ଶେଷରେ ଏକ ସଂକ୍ଷିପ୍ତ ଅର୍ଥଦୀପିକା ପ୍ରସ୍ତୁତ କରାଯାଇ ସଂଲଗ୍ନ କରାଯାଇଛି ।

**ସନାତନୀ ତତ୍ତ୍ୱ ବିଜ୍ଞାନ,** ପୃଷ୍ଠା-୧୭୨, ପ୍ରକାଶକାଳ-୨୦୦୮, ମୂଲ୍ୟ: ଟଙ୍କା ୯୫/-

'ସନାତନୀ ତତ୍ତ୍ୱ ବିଜ୍ଞାନ' ବ୍ରହ୍ମଶକ୍ତି ବା ଶକ୍ତିତତ୍ତ୍ୱ ସମ୍ପର୍କୀୟ ଏକ ଉପାଦେୟ ଗ୍ରନ୍ଥ । ସନାତନୀ ତତ୍ତ୍ୱର ବାଂଙ୍ମୟ ବିଶ୍ଳେଷଣ ବ୍ରହ୍ମଶକ୍ତି ବା ଶକ୍ତିବ୍ରହ୍ମ ତତ୍ତ୍ୱର ନିଗୂଢ଼ ରହସ୍ୟ ଉନ୍ମୋଚନରେ ଏହି ଗ୍ରନ୍ଥର ପ୍ରତିଟି ପୃଷ୍ଠାରେ ଦେଖିବାକୁ ମିଳିଥାଏ । ଶ୍ରୀ ଶ୍ରୀ ଚଣ୍ଡୀ, ଗୀତା, ଭାଗବତ, ପୁରାଣାଦିର ସାରତତ୍ତ୍ୱ ସନାତନ ବା ସନାତନୀ ଅର୍ଥାତ୍ ବ୍ରହ୍ମଶକ୍ତି ବା ଶକ୍ତିବ୍ରହ୍ମ ତତ୍ତ୍ୱର ନିଗୂଢ଼ ରହସ୍ୟକୁ ସୁନ୍ଦର, ସହଜ ଓ ପ୍ରାଞ୍ଜଳ ଭାବେ ଏଥିରେ ବିଶ୍ଳେଷଣ କରାଯାଇଛି । ପୁସ୍ତକର ଦ୍ୱିତୀୟ ଭାଗରେ ମହିମାମୟ ମହାଶୟ ଶ୍ରୀ ଶ୍ରୀ ବିଦ୍ୟାଧର ଦେବଶର୍ମାଙ୍କ ଜୀବନୀ, ସାଧନା, ତୃତୀୟ ଭାଗରେ ବେଦୋକ୍ତ ପତିପୂଜା, ବ୍ରତ ଓ ଶକ୍ତିପୂଜାର ସୁଗମ ବିଧି ସମେତ ଲେଖକଙ୍କ ରଚିତ ଚିତାକର୍ଷକ ଶ୍ରୀ ବ୍ରହ୍ମଶକ୍ତି ଯୁଗଳ ସ୍ତବ ତଥା ସଂଗୃହୀତ ସିଦ୍ଧିଦାୟକ ଶ୍ରୀ ଶ୍ରୀ ଶିବଶତନାମ ସ୍ତୋତ୍ର, ଶ୍ରୀ ଶ୍ରୀ ଚଣ୍ଡୀରୁ ଉଦ୍ଧୃତ ଦୈନନ୍ଦିନ ମନନଶୀଳ ମନ୍ତ୍ରାଦିର ଅବତାରଣା କରାଯାଇଛି । ସନାତନ ଧର୍ମ ଓ ସନାତନୀ ତତ୍ତ୍ୱର ମୂଳ ରହସ୍ୟ ତଥା ମୌଳିକତାକୁ ହୃଦୟଙ୍ଗମ କରିବା ଦିଗରେ ପୁସ୍ତକଟି ନିଶ୍ଚିତ ସହାୟକ ହେବ ।